## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଉଦ୍ଧାର

ଛେଣ୍ଡିପଦା, ୨୦।୧୧(ଡି.ଏନ.ଏ.)- ତୁକୁଡ଼ା ଗ୍ରାମ ନିକଟ ଦେଇ ଯାଇଥିବା ରେଳଧାରଣାରୁ ବୁଧବାର ଅନୁଗୋଳ ଜିଲା ଜରପଡ଼ା ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ କୁଣ୍ଡେଇଗୁଳା ଥାନା ସୁରୁଙ୍ଗିପାଳ ଗ୍ରାମର ଟୁଲୁ ମାହାର। ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡ଼ିଛି। ପୋଲିସ କହିଛି, ଟୁଲୁ ୮ ବର୍ଷ ହେଲା ମାହାର ସାହିରେ ଘର ଜ୍ୱାଇଁ ଭାବେ ରହି ଆସୁଥିଲେ। ବୁଧବାର ପାରିବାରିକ କଳହକୁ ନେଇ ସେ ଘରୁ ବାହାରି ଆସିଥିଲେ। ଏହାପରେ ଅନୁଗୋଳ-ସମ୍ବଲପୁର ରେଳଲାଇନର ତୁକୁଡା ଲେଭଲ କ୍ରସିଂର ୨୦୦ ମିଟର ଦୂରରୁ ତାଙ୍କର ମୃତଦେହ ଠାବ କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

ଢେଙ୍କାନାଳ ଅଫିସ, ୨୦।୧୧- ଢେଙ୍କାନାଳ ଉଫୁନା ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ରଥଗଡ଼ାସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳବାର ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଙ୍ଗଠନର ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ ଯୋଗଦେଇ ଇନ୍ଦିରାଙ୍କ ବଳିଷ୍ଠ ନେତୃତ୍ୱ, ବ୍ୟାଙ୍କ ଜାତୀୟକରଣ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ପ୍ରଫେସର ଦିଲୀପ ନନ୍ଦ, କବି ବାହାଦୁର ପାଟସାହାଣୀ, ଇଂ ଅକ୍ଷୟ ଶତପଥୀ, ଦେବୀ ପ୍ରସାଦ ମିଶ୍ର, ଶିକ୍ଷାବିତ୍ ଦୈତାରୀ ପରିଡା, ଉପେନ୍ଦ୍ର ରାଉତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଶ୍ରୀ ବୁଦ୍ଧେଶ୍ୱରାୟଙ୍କ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

ଢେଙ୍କାନାଳ ଅଫିସ, ୨୦।୧୧ -ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଗ୍ରାମର ଆରାଧ ଦେବତା ଶ୍ରୀ ବୁଦ୍ଧେଶ୍ୱରାୟଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ପାଇଁ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସନ୍ତ ସାହୁ ସଭାପତିତ୍ୱ କରିଥିଲେ। ଆସନ୍ତା ଫେବୃୟାରୀ ୩ରୁ ଦୁଇଦିନ ଧରି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ କଳସ ଶୋଭାଯାତ୍ରା, ଘଟସ୍ଥାପନ, ନାମ ସଂକୀର୍ତ୍ତନ ଆୟୋଜିତ ହେବ। ପ୍ରତିଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ଭଜନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାକୁ ସରସସୁନ୍ଦର କରିବାକୁ ଆଲୋଚନା କରାଯାଇଛି। ନୃସିଂହ ଚରଣ ଦାସ, ମାଧବ ବିନ୍ଧାଣୀ, ବ୍ରଜବନ୍ଧୁ ସାହୁ, ସାଜନ ସାହୁ, ପ୍ରମୋଦ ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବାବୁଲି କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଟିଓ କାର୍ଯ୍ୟାଳୟରେ ଅବ୍ୟବସ୍ଥା

# ଡିଏଲ ଟେଷ୍ଟ ପାଇଁ ଆସି ହନ୍ତସନ୍ତ

- ଲୋକଙ୍କ ଦାବି ରହିଲା
- ଛୁଟିରେ ଖୋଲିଲା ଅଫିସ

**ଅନୁଗୋଳ ଅଫିସ, ୨୦।୧୧**

ଅନୁଗୋଳ ପଞ୍ଚମହଲାସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)ରେ ବୁଧବାର ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ଫାଇନାଲ ଡ୍ରାଇଭିଂ ପରୀକ୍ଷା ପାଇଁ ୫୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ଆସିଥିବାବେଳେ ଅଫିସ ଛୁଟି ଥିବାରୁ ସେମାନେ ହନ୍ତସନ୍ତ ହୋଇଥିଲେ। ପ୍ରତିବାଦ ସ୍ୱରୂପ ସେମାନେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଲୋକଙ୍କ ମଧ୍ୟରେ ଅସନ୍ତୋଷ ଉଗ୍ରରୂପ ନେବା ପରେ ବାଧ ହୋଇ ଅଫିସ ଖୋଲାଯାଇଥିଲା ଏବଂ ନିୟମ ଅନୁଯାୟୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

ପ୍ରଥମାଷ୍ଟମୀ ପାଇଁ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପଶ୍ଚିମାଞ୍ଚଳ ରାଜସ୍ୱ ଆୟୁକ୍ତ ଛୁଟି ଘୋଷଣା କରିଥିଲେ। ଅନୁଗୋଳ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଡ୍ରାଇଭିଂ ଲାଇସେନ୍ସର ଲର୍ନିଂ ମିଳିଥିଲା। ଫାଇନାଲ ଡ୍ରାଇଭିଂ ଟେଷ୍ଟ ପାଇଁ ୨୦ତାରିଖ ଧାର୍ଯ୍ୟ ହୋଇଥିଲା। ସମ୍ପୃକ୍ତ ଲୋକମାନେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ହେଲେ ଆର୍‌ଟିଓ କାର୍ଯ୍ୟାଳୟ ବନ୍ଦ ଥିଲା। ହେଲେ ସେଠାରେ କେତେଜଣ ଆର୍‌ଟିଓ କର୍ମଚାରୀ ଯାନବାହନ ଯାଞ୍ଚ କରୁଥିଲେ। ସେମାନଙ୍କର ଡ୍ରାଇଭିଂ ଲାଇସେନ୍ସ ଟେଷ୍ଟ ସମ୍ପର୍କରେ ପଚାରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଦୂରଦୂରାନ୍ତରୁ ଆସିଥିବା ଲୋକମାନେ ଡିଏଲ୍ ଟେଷ୍ଟ ପାଇଁ ଜିଦ୍ କରିଥିଲେ। ଦୀର୍ଘ ସମୟ ଯାଏ ପଦକ୍ଷେପ ନିଆ ନ ଯିବାରୁ ଗାଡ଼ିଚାଳକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେମାନେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଅଧଘଣ୍ଟା ଧରି ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆରଟିଓଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଆର୍‌ଟିଓ କାର୍ଯ୍ୟାଳୟ ଖୋଲିଥିଲା। ଉପସ୍ଥିତ ଲୋକଙ୍କ ପରୀକ୍ଷା ପରେ ପୁଣି କାର୍ଯ୍ୟାଳୟ ବନ୍ଦ ହୋଇଥିଲା। ଏ ନେଇ ଆରଟିଓ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ କୁହନ୍ତି, ଛୁଟିଥିବାରୁ କାର୍ଯ୍ୟାଳୟ ବନ୍ଦ ଥିଲା। ହେଲେ ଏତେ ସଂଖ୍ୟାରେ ଲୋକ ଆସିଥିବାରୁ କାର୍ଯ୍ୟାଳୟ ଖୋଲିବାକୁ ବାଧ ହେଲୁ।



ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛି।

## ବାମୁର ରେଞ୍ଜରେ ୨୨ ହାତୀ

# ଘର ଭାଙ୍ଗିଲେ, ଫସଲ ଉଜାଡ଼ିଲେ



**ବଇଣ୍ଡା, ୨୦।୧୧(ଡି.ଏନ.ଏ.)**

ରେଢାଖୋଲ ବନଖଣ୍ଡରୁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜକୁ ବୁଧବାର ସକାଳେ ଚାଲି ଆସିଥିବା ୨୨ଟି ହାତୀ ବ୍ୟାପକ ଉପଦ୍ରବ ସୃଷ୍ଟି କରିଛନ୍ତି। ବଣିଆଦୋହଲି, କଦଳୀମୁଣ୍ଡା, ବଡ଼ରୋହିଲା, କସୁଣି, ଭୀମପୁର ଗ୍ରାମରେ ହାତୀପଲ ଘରଦ୍ୱାର ଭାଙ୍ଗିଦେବା ସହ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି ବଣିଆଦୋହଲି ଗ୍ରାମର ଚାଷୀ। ଅଶୋକ ପ୍ରଧାନ, ମଣ୍ଟୁ ପ୍ରଧାନ, ଶେଷଦେବ ଦେହୁରୀ, ପ୍ରଶାନ୍ତ ପ୍ରଧାନ, ଯୁଧିଷ୍ଠିର ପ୍ରଧାନଙ୍କ ସମେତ ୨୦ ଜଣ ଚାଷୀଙ୍କ ୧୫ ଏକରରୁ ଊର୍ଦ୍ଧ୍ୱ ଜମିରେ ହୋଇଥିବା ଧାନ ଫସଲ ହାତୀପଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସେହିପରି କଦଳୀମୁଣ୍ଡା ଗ୍ରାମର ସୁଶାନ୍ତ ବାବା ମଠର ଗୋଟିଏ ଘର ଭାଙ୍ଗି ଦେଇଛନ୍ତି। ହାତୀଙ୍କ ଏପରି ଉଗ୍ରରୂପରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀପଲ ନିକଟ ଜଙ୍ଗଲରେ ଅଛନ୍ତି। ଫଳରେ ଖଳାରେ ଥିବା ଧାନର ସୁରକ୍ଷା ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି।

ସୂଚନାପାଇ ବନ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀପଲକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ତୁରନ୍ତ ବନ ବିଭାଗ ପକ୍ଷରୁ ହାତୀଙ୍କୁ ଘଉଡ଼ାଇବା ସହ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଗଡ଼ିଲା ପୋଷ୍ୟସନ୍ତାନ ସଚେତନତା ରଥ



ଅତିରିକ୍ତ ଜିଲାପାଳ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଅନୁଗୋଳ ଅଫିସ, ୨୦।୧୧**

ପୋଷ୍ୟସନ୍ତାନ ସଚେତନତା ସପ୍ତାହ ପାଳନ ଅବସରରେ ବୁଧବାର ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗଡ଼ିଛି ସଚେତନତା ରଥ। ଅସହାୟ ଶିଶୁଙ୍କୁ ପୋଷ୍ୟସନ୍ତାନ ଭାବେ ଆପଣାଇବା ଏବଂ ଏପରି ମହତ୍ କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ କାମନା କରି ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏହି ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ।

ଏହି ରଥ ୮ ଦିନ ଧରି ଜିଲାର ସମସ୍ତ ବ୍ଲକ ପରିକ୍ରମା କରିବ। ପୋଷ୍ୟସନ୍ତାନ ଗ୍ରହଣ, ଏଥିଲାଗି ରହିଥିବା ଆଇନଗତ ପ୍ରକ୍ରିୟା ସମ୍ପର୍କରେ ସଚେତନ କରାଯିବ। ଅନାଥ, ଅବହେଳିତ ଅବସ୍ଥାରେ ଥିବା ଶିଶୁଙ୍କୁ ପରିଚୟ ପ୍ରଦାନ କରିବାରେ ଏହି ରଥ ସହାୟକ ହେବ। ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଝରଣା ନାୟକ, ପ୍ରଦୀପ ନାୟକ, କାର୍ଯ୍ୟକ୍ରମ କର୍ମଚାରୀ ପୂର୍ଣ୍ଣବାସୀ ରଥ, ମଧୁସ୍ମିତା ଧଳ, ଶୁଭସ୍ମିତା ନାୟକ, ଛଇନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଷ୍ଟ କମ୍ ଫାଷ୍ଟ ସର୍ଭିସକୁ ବିରୋଧ

# ଜଗନ୍ନାଥ ଏରିଆ ଅଫିସ ସମ୍ମୁଖରେ ବିକ୍ଷୋଭ

**ତାଳଚେର, ୨୦।୧୧(ନି.ପ୍ର.)**

ଖଣି କର୍ତ୍ତୃପକ୍ଷଙ୍କ ଫାଷ୍ଟ କମ୍ ଫାଷ୍ଟ ସର୍ଭିସକୁ ବିରୋଧ କରିଛି ଭୁବନେଶ୍ୱରୀ ଟ୍ରକ ମାଲିକ ସଂଘ। ଏହାର ପ୍ରତିବାଦରେ ବୁଧବାର ଟ୍ରକ୍ ମାଲିକମାନେ ଜଗନ୍ନାଥ ଏରିଆ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ନେଇ ସେମାନେ ଜଗନ୍ନାଥ ଏରିଆର ମହାପ୍ରବନ୍ଧକ ଏମ୍.ଜି. ବ୍ରହ୍ମପୁରକରଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଟ୍ରକ୍ ମାଲିକମାନେ ଅଭିଯୋଗ କରିଛନ୍ତି, ଭୁବନେଶ୍ୱରୀ ଖଣି ଦ୍ୱାରା ୨୫ ଗ୍ରାମ ପ୍ରଭାବିତ ହୋଇଛି। ସମ୍ପୃକ୍ତ ଗ୍ରାମର ୩୦୦ ଟ୍ରକ୍ ମାଲିକ ୧୦ ବର୍ଷ ହେଲା ନିୟମ ଅନୁଯାୟୀ ଶାନ୍ତିପୂର୍ଣ୍ଣ ଭାବେ କୋଇଲା ଲୋଡିଂ କରୁଛନ୍ତି। ହେଲେ ଖଣିର ପ୍ରକଳ୍ପ ଅଧିକାରୀ ଡିସେମ୍ବର ୧ରୁ ଫାଷ୍ଟ କମ୍ ଫାଷ୍ଟ ସର୍ଭିସ ଲାଗୁ କରିବାକୁ ଟ୍ରକ୍ ମାଲିକଙ୍କ ଉପରେ ଚାପ ପକାଉଛନ୍ତି। ଏହା ଦ୍ୱାରା ଶତାଧିକ ଟ୍ରକ୍ ଥିବା ଗାଡ଼ିମାଲିକମାନେ ଲାଭବାନ ହେବେ। ଅନ୍ୟପଟେ ଗୋଟିଏ ଦୁଇଟି ଟ୍ରକ୍ ଥିବା ଗାଡ଼ି ମାଲିକ ଏହାଦ୍ୱାରା କ୍ଷତିରେ ପଡ଼ିବେ। ସେମାନେ ୫ଦିନରେ ଗୋଟିଏ ଟ୍ରିପ୍ କୋଇଲା ପରିବହନ କରିବାର ସୁଯୋଗ ପାଇବେ। ଫଳରେ ଟ୍ରକ୍‌ଗୁଡ଼ିକ ମାସର ଅଧିକାଂଶ ଦିନ ବିନା କାମରେ ଛିଡ଼ାହୋଇ ରହିବ। କ୍ଷତିଗ୍ରସ୍ତ ଗ୍ରାମର ଟ୍ରକ୍ ମାଲିକଙ୍କୁ ଉପେକ୍ଷା କରାଯାଇ ଏପରି ନିୟମ ଲାଗୁ କରାଯାଉଛି। ଏହାକୁ ବରଦାସ୍ତ କରାଯିବନାହିଁ। ପୂର୍ବ ପ୍ରଚଳିତ ନିୟମ ଅନୁଯାୟୀ ଲୋଡିଂ ବ୍ୟବସ୍ଥା ଜାରି ରଖିବାକୁ ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏହା ନ ହେଲେ ନୂଆ ନିୟମକୁ କଡ଼ା ବିରୋଧ କରାଯିବ ଏବଂ ସେମାନଙ୍କ ପରିବାର ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବେ ବୋଲି ଚେତାବନୀ ଦେଇଛନ୍ତି।



ଟ୍ରକ୍ ମାଲିକମାନେ ଜଗନ୍ନାଥ ଏରିଆ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ

**ଢେଙ୍କାନାଳ ଅଫିସ, ୨୦।୧୧**

ଢେଙ୍କାନାଳ ଓଷ୍ଟା ଶାଖାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଅମ୍ବରୀଶ ଶତପଥୀ ଅଧକ୍ଷତା କରିଥିଲେ। ନଭେମ୍ବର ୨୪ରେ ଜିଲାସ୍ତରୀୟ ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହେବ। ଡିସେମ୍ବର ୧୫ ସୁଦ୍ଧା ବ୍ଲକସ୍ତରୀୟ ଶିଶୁ ମେଳା ଶେଷ କରାଯିବ। ଓଷ୍ଟା ଦ୍ୱାରା ପରିଚାଳିତ ୯ମ ଶ୍ରେଣୀର ଷଣ୍ମାସିକ ଏବଂ ୧୦ମର ପ୍ରିବୋର୍ଡ ପରୀକ୍ଷା ଡିସେମ୍ବର ୨ରୁ ଆରମ୍ଭ ହେଉଛି। ଏହି କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ସମାପନ କରିବାକୁ ଆଲୋଚନା କରାଯାଇଥିଲା। ଶିକ୍ଷାୟତନରେ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି, ସମସ୍ୟା ସମାଧାନ କରିବାକୁ କାର୍ଯ୍ୟକର୍ତ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଜିଲା ସଙ୍ଗଠନର କାର୍ଯ୍ୟକ୍ରମଗୁଡ଼ିକୁ ସୁପରିଚାଳନା ଲାଗି ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ସାମଲଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ସମ୍ପାଦକ ସ୍ୱର୍ଗତ ଅକ୍ଷୟ କୁମାର ସାହୁଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ଧଳ, ଉପଦେଷ୍ଟା ଦୁର୍ଗା ଚରଣ ମହାପାତ୍ର, ଯୁଗ୍ମ ସମ୍ପାଦକ ପୀତାମ୍ବର ଦାଶ, ସୁବାସ ଚନ୍ଦ୍ର ଲେଙ୍କା, ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାମାକ୍ଷାନଗର ବ୍ଲକ ସମ୍ପାଦକ ବିନୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଲକ୍ଷ୍ମୀବାଈ ନାରୀ ସଶକ୍ତୀକରଣ ପ୍ରତୀକ

**ଢେଙ୍କାନାଳ ଅଫିସ, ୨୦।୧୧**

ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ହେଉଛନ୍ତି ନାରୀ ସଶକ୍ତୀକରଣର ପ୍ରତୀକ। ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା ଏହି ମହାନ୍ ବୀରାଙ୍ଗନାଙ୍କ ୧୯୧ତମ ଜୟନ୍ତୀ ପାଳନ ଅବସରରେ ଏପରି ମତବ୍ୟକ୍ତ କରିଛନ୍ତି ଢେଙ୍କାନାଳ ସଚେତନ ନାଗରିକ ଫୋରମ୍‌ର କର୍ମକର୍ତ୍ତା।

ସ୍ୱେଚ୍ଛାସେବୀ ପ୍ରତିଷ୍ଠାନ 'ଐରା' ସହଯୋଗରେ ସ୍ଥାନୀୟ ଶ୍ୟାମାଚରଣପୁରସ୍ଥିତ ନବନିର୍ମିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଈ ଏବଂ ଓଡ଼ିଶାର ବୀରାଙ୍ଗନା ରାଣୀ ଶୁକଦେଈଙ୍କ ସ୍ମୃତିଚାରଣ କରାଯାଇଥିଲା। ଫୋରମ୍‌ର ମହିଳା ଶାଖା ସଭାନେତ୍ରୀ ସୁଧାରାଣୀ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ନିର୍ବାଚନ ଅଧିକାରୀ ରଶ୍ମିରେଖା ସ୍ୱାଇଁ, ସହକାରୀ ଜିଲାପାଳ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତୀକରଣର ଆବଶ୍ୟକତା ସମ୍ପର୍କରେ ମତ ରଖିଥିଲେ। ସମିତିସଭ୍ୟା ଧରିତ୍ରୀ ମଲ୍ଲିକ, ସରପଞ୍ଚ ଶୁଭଦର୍ଶିନୀ ପରିଡା, କିରଣବାଳା ସ୍ୱାଇଁ, ଆଇନଜୀବୀ ମମତାଞ୍ଜଳି ବେହେରା, ସାମାଜିକ କର୍ମୀ ସରିତା ଅଗ୍ରୱାଲ, ମାଧୁରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଐରା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଉଜାଲା ଗୃହର ମହିଳା ଅନ୍ତେବାସୀଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ସଚେତନ ନାଗରିକ ଫୋରମ୍‌ର ସଭାପତି ପ୍ରଦ୍ୟୁମ୍ନ ରଥ ଅନ୍ତେବାସୀଙ୍କୁ ଶ୍ରୀମଦ ଭାଗବତ ମହାପୁରାଣ ପ୍ରଦାନ କରିଥିଲେ।

ସମ୍ପାଦିକା ପ୍ରଭାତୀ ମହାପାତ୍ର, ସମ୍ପାଦକ ଭରତ ଦାସ, ଐରା ନିର୍ଦ୍ଦେଶକ ସୁରେଶ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ପ୍ରଥମାଷ୍ଟମୀ ପାଇଁ ଲୁହାମରା ଚଳଚଞ୍ଚଳ

**କଣିହାଁ, ୨୦।୧୧(ଡି.ଏନ.ଏ.)**

ପ୍ରଥମାଷ୍ଟମୀ ପାଇଁ ଚଳଚଞ୍ଚଳ ହୋଇଉଠିଛି କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତର ଲୁହାମରା ଗ୍ରାମ। ଏହି ଅବସରରେ ଘରର ବୟୋଜ୍ୟେଷ୍ଠମାନେ ନୂତନ ବସ୍ତ୍ର ପରିଧାନ କରିବା ସହ ଠାକୁରଙ୍କ ଆଶୀର୍ବାଦ ନେଇଥିଲେ। ସନ୍ଧ୍ୟାରେ ନାମସଂକୀର୍ତ୍ତନ ସହ ରାତିରେ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଗ୍ରାମର ଯୁବକମାନେ ନିୟୋଜିତ ହୋଇଥିଲେ। ସରପଞ୍ଚ ଲୋକନାଥ ସାହୁଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ସହଯୋଗ କରିଥିଲେ।

ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ନବରଙ୍ଗପୁର
ODISHA SCHOOL EDUCATION PROGRAMME AUTHORITY (OSEPA)
DISTRICT PROJECT OFFICE, SAMAGRA SHIKSHA, NABARANGPUR-764059
PH. No.(06858) – 222568 (Off), E-mail : dpcnawrangssa.opepa@nic.in
No.2167/2019 Dated: 18.11.2019
ADVERTISEMENT NOTICE
Applications are invited in the prescribed format from the eligible candidates for 08 (Eight) nos. of posts towards engagement of Block Resource Person (BRP)-CWSN on Inclusive Education under Samagra Shiksha in Nabarangpur District. Eligible candidates may apply in the prescribed format available in the district website i.e. www.nabarangpur.nic.in and OSEPA website i.e. www.osepa.odisha.gov.in. Detail guideline and education qualification is available in the district website and OSEPA website. The last date for receiving applications for the post of BRP (CWSN) is 18.12.2019. At present, only filled-up applications with self attested copies of testimonials by Regd. Post/ Speed Post to District Project Office, Samagra Shiksha, Nabarangpur are invited from eligible candidates for engagement to the post of Block Resource Person (BRP)-CWSN. The Collector-cum-Chairperson, Samagra Shiksha, Nabarangpur reserves the right to cancel the advertisement / selection process at any time without assigning any reason thereof.
Sd./- District Project Coordinator,
Samagra Sikhsa, Nabarangpur

# ଡିଜେଲ ଚୋରି ଅଭିଯୋଗ, ୩ ଗିରଫ

**ବଇଣ୍ଡା, ୨୦।୧୧(ଡି.ଏନ.ଏ.)**

ଜେସିବି ମେଶିନରୁ ତେଲ ଚୋରି ଅଭିଯୋଗରେ ମଙ୍ଗଳବାର ଠାକୁରଗଡ଼ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜେସିବି ଚାଳକ ଜରପଡ଼ା ଥାନା ଝିଣ୍ଟିପାଳ ଗ୍ରାମର ହଳଧର ବେହେରା, ଠାକୁରଗଡ଼ ଥାନା ସାନହୁଲା ଗ୍ରାମର ସୁନୀଲ କୁମାର ସାହୁ ଏବଂ କରଡ଼ାବାହାଲି ଗ୍ରାମର କୁଶଧ୍ୱଜ ବିଶ୍ୱାଳ। ଅଭିଯୁକ୍ତମାନେ ବ୍ୟବହାର କରିଥିବା ବୋଲେରୋ (ଓଡି ୦୨ ବିବି ୫୬୩୮) ଏବଂ ଟ୍ରାକ୍ଟର (ଓଆର ୧୯ସି ୩୭୪୬)କୁ ଜବତ କରାଯାଇଛି। ଏ ନେଇ ନଂ.୧୨୩/୧୯ରେ ମାମଲା ରୁଜୁ କରାଯିବା ସହ ବୁଧବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ଠାକୁରଗଡ଼ ଥାନା ସିମିଳିଆ ଗ୍ରାମରେ ଥିବା ମହାବୀର କ୍ରସରରେ ହଳଧର ବେହେରା ଜେଶିବି ଡ୍ରାଇଭର ୨୦୧୮ ନଭେମ୍ବର ୨୭ରୁ ୨୦୧୯ ଅଗଷ୍ଟ ୨୭ ଯାଏ କାମ କରୁଥିଲେ। ସେ କୌଶଳକ୍ରମେ ଦୈନିକ ୫୦ ଲିଟର ଡିଜେଲ ଚୋରି କରୁଥିଲେ। ଉକ୍ତ ଚୋରି ତେଲକୁ ଜାରକିନ ସହାୟତାରେ ନିଜ ବୋଲେରୋରେ ଆଣି ସୁନୀଲ ଏବଂ କୁଶଧ୍ୱଜଙ୍କୁ ବିକ୍ରି କରୁଥିଲେ। ଏହା ଧରାପଡ଼ିଯିବା ପରେ ସେ ଚୋରି କରିଥିବା ଡିଜେଲ ବାବଦ ଟଙ୍କା କ୍ରଶର ମାଲିକଙ୍କୁ ଦେବାକୁ ଚୁକ୍ତି କରିଥିଲେ। ହେଲେ ଚୁକ୍ତି ମୁତାବକ ଟଙ୍କା ନ ଦେଇ ସେ କାମ ଛାଡ଼ି ଚାଲିଯାଇଥିଲେ। ଏ ନେଇ କ୍ରଶର ମାଲିକ ମହାବୀର ପ୍ରସାଦ ଅଗ୍ରୱାଲ ଥାନାରେ ଅଭିଯୋଗ କରିଥିଲେ।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର, ନଭେମ୍ବର ୨୧/୨୦୧୯ Dhenkanal, Thursday , November 21 / 2019

# କୂଅ ଚାରିପଟେ ସବୁଜ ବାଡ଼

ଢେଙ୍କାନାଳ ଅଫିସ, ୨୦।୧୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦର ରେଞ୍ଜ୍ ମହୀଧରପୁର ମୁଣ୍ଡାଖମଣ ଅଞ୍ଚଳରେ ହାତୀ ଉପଦ୍ରବ ଚିନ୍ତାର ବିଷୟ ହୋଇଛି। ହାତୀଙ୍କ ସୁରକ୍ଷା ପାଇଁ ଅଞ୍ଚଳରେ ଥିବା କୂଅ ଚାରିପଟେ ସବୁଜ ବାଡ଼ ଘେରାବନ୍ଦୀ କରାଯାଇଛି।

କୂଅ ଚାରିପଟେ ସୁରକ୍ଷା ପାଚେରି ନ ଥିବାରୁ ଅନେକ ସମୟରେ ହାତୀ ଏବଂ

## ହାତୀ ସୁରକ୍ଷା ଚିନ୍ତା

ସେମାନଙ୍କ ଶାବକ ଖସିପଡୁଛନ୍ତି। ଏପରି ଦୁର୍ଘଟଣା ଏଡ଼ାଇବାକୁ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା 'କଲେକ୍ଟିଭ୍ ଇନିସିଏଶନ ଫର ସୋସିଆଲ ସୋଲିଡାରିଟି' ସଂସ୍ଥା ପକ୍ଷରୁ ୧୦ କୂଅକୁ ସବୁଜ ବାଡ଼ ଦ୍ୱାରା ଘେରାବନ୍ଦୀ କରାଯାଇଛି। ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା କୂଅଗୁଡ଼ିକ ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ଭାରତୀୟ ବନ୍ୟପ୍ରାଣୀ ଟ୍ରଷ୍ଟକୁ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ଏହାପରେ ଟ୍ରଷ୍ଟ ପକ୍ଷରୁ ସବୁଜବାଡ଼ ଘେରାବନ୍ଦୀ ପାଇଁ ଆର୍ଥିକ ଅନୁଦାନ ଦିଆଯାଇଥିଲା। ପ୍ରତି କୂଅ ନିକଟରେ ସୂଚନା ଫଳକ ସହ ସାଙ୍କେତିକ ଚିହ୍ନ ଲଗାଯାଇଛି। ଏ ସମ୍ପର୍କରେ ଲୋକ ମଧ୍ୟ ସଚେତନ ହୋଇପାରିବେ ବୋଲି ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି।

ଏପରି ଯୋଜନା ସମ୍ପର୍କରେ ୧୮ ତାରିଖରେ ମହୀଧରପୁର ଅଞ୍ଚଳରେ ସ୍ଥାନୀୟ ଫରେଷ୍ଟର ରବିନାରାୟଣ ନାୟକ, ବନରକ୍ଷୀ ସୁଧାଂଶୁ ନାୟକ, ସମୀର ସାହୁଙ୍କ ଉପସ୍ଥିତିରେ ସଚେତନ ସଭା ଆୟୋଜନ କରାଯାଇଥିଲା। ଗ୍ରାମବାସୀ ସେମାନଙ୍କ ଅଭିଯୋଗ ଶୁଣାଇଥିଲେ। ଆବାହକ ବିଜୟ କୁମାର ଦାସ ଆଲୋଚନାରେ ଭାଗନେଇ କହିଲେ, ହାତୀ ଉପଦ୍ରବରୁ ରକ୍ଷା ପାଇଁ ସୌରବାଡ଼, ସବୁଜ ବାଡ଼ ନିର୍ମାଣ କରାଯାଇଛି। ଏହାର ସୁରକ୍ଷା ପାଇଁ ୧୦ ଜଣ ଲୋକଙ୍କୁ ଚୟନ କରି ର୍ୟାପିଡ୍ ରେସପନ୍ସ ଦଳ ଗଠନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଗ୍ରାମ ସଭାପତି ପ୍ରଦୀପ କୁମାର ପୃଷ୍ଟି, ଚାଷୀ ମଦନ ମୋହନ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।


କୂଅ ଚାରିପାଖରେ କରାଯାଇଥିବା ସବୁଜ ବାଡ଼।

## ଘାଗରାମୁଣ୍ଡା ପିଇଓ ନିଲମ୍ବିତ

କାମାକ୍ଷାନଗର, ୨୦।୧୧(ଡି.ଏନ.ଏ.)

ଗ୍ରାମୀଣ ଆବାସ କାର୍ଯ୍ୟରେ ଲାଞ୍ଚ କାରବାର ଅଭିଯୋଗରେ ବୁଧବାର ନିଲମ୍ବିତ ହୋଇଛନ୍ତି ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ଘାଗରାମୁଣ୍ଡା ପିଇଓ ବସନ୍ତ କୁମାର ବେହେରା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଚିଠି ନଂ. ୮୮୨ ଅନୁଯାୟୀ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏ ନେଇ ବିଡିଓ ଦେବଦତ୍ତ କୁମାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ନିଲମ୍ବନ ସମୟରେ ଅଭିଯୁକ୍ତ ପିଇଓଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମୀଣ ଆବାସ କାର୍ଯ୍ୟରେ ଲାଞ୍ଚ କାରବାର ଅଭିଯୋଗରେ ପିଇଓ ବସନ୍ତ କୁମାର ବେହେରାଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ କେତେଜଣ ମହିଳା ମାଡ଼ ମାରୁଥିବା ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ବିଡିଓ ଗୁରୁତର ସହ ନେଇଥିଲେ। ଗତ ୧୫ ତାରିଖରେ ବିଧିବଦ୍ଧ ଭାବେ ପିଇଓଙ୍କ ନାମରେ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏଥିସହ ଘଟଣାର ତଦନ୍ତ ରିପୋର୍ଟ ପିଡି ଡିଆରଡିଏ ନରୋତ୍ତମ ବେହେରାଙ୍କ ନିକଟକୁ ପଠାଇଥିଲେ। ପିଡି ଡିଆରଡିଏଙ୍କ ସୁପାରିସକ୍ରମେ ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା, ୨୦।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ରାଣୀଭୂଇଁ ନିକଟରେ ବୁଧବାର ହଣ୍ଡପା ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଗାଡି ଚାଳକଙ୍କ ହେଲ୍‌ମେଟ, ଲାଇସେନ୍ସ ସମେତ ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଇଥିଲା। ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ୧୧ଟି ମାମଲା ରୁଜୁ ହୋଇଛି। ଏଥିସହ ୫୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଏସଆଇ ଆର. ବିଶ୍ୱାଳଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଯାଞ୍ଚ କାର୍ଯ୍ୟରେ ସାମିଲ ହୋଇଥିଲେ।




# ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

କାମାକ୍ଷାନଗର, ୨୦।୧୧(ଡି.ଏନ.ଏ.)

କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର, ଶିଶୁ, ବାଲ୍, କିଶୋର ବର୍ଗରେ ୯୦୦ ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଗୋଲାଫିଙ୍ଗା, ଥାଳିଆଫିଙ୍ଗା, ବାଧାଦୌଡ଼ ସମେତ ମୋଟ ୪୬ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ପ୍ରଧାନ ଆଚାର୍ଯ୍ୟ ଗୌର ଚନ୍ଦ୍ର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜେଲର ସରସ୍ୱତୀ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଲେ, ହାରିବା ଜିତିବା ବଡ଼କଥା ନୁହେଁ, ଖେଳୁଆଡ଼ ମନୋଭାବ ରଖି ସମସ୍ତେ ଏଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଉଚିତ। ସ୍କୁଲ ପରିଚାଳନା କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷାରେ କ୍ରୀଡ଼ାକୁ ବାଧ୍ୟତାମୂଳକ ବିଷୟ ଭାବେ ଯୋଡ଼ିବା ଆବଶ୍ୟକ ବୋଲି କହିଥିଲେ।

ଶାରୀରିକ ପ୍ରମୁଖ କାଳିନ୍ଦୀ ଚରଣ ବିଶ୍ୱାଳ, ସାଇସ୍ୱରୂପ ସାହୁ, ଅଭିଷେକ ସାହୁ, ଜଗନ୍ନାଥ ସ୍ୱାଇଁ, ଦୁଷ୍ମନ୍ତ କୁମାର ସାହୁ, ପ୍ୟାରୀମୋହନ ଦାସ, ରୋହିତ ପାତ୍ର, ସୁଦୀପ୍ତା ଲେଙ୍କା, ସ୍ୱାଗତିକା ବିଶ୍ୱାଳ, ସୁଲୋଚନା ସାହୁ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ସନ୍ଧ୍ୟା ହେଲେ ବିଦ୍ୟୁତ୍ କାଟ

**ବଇଣ୍ଡା, ୨୦।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ବାମୁର ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ସରଗିପାଲି, ଖଇରମୁଣ୍ଡା, ନାକିଚି, କଣ୍ଟାଳ, ଖାଲପାଳ, ବିଶିପାଲି ଗ୍ରାମରେ କିଛିଦିନ ହେବ ସନ୍ଧ୍ୟା ହେଲେ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନାକିଚିର ଛେଳିଆଡିପ ନିକଟରେ ଥିବା ବିଦ୍ୟୁତ୍ ସବଷ୍ଟେଶନ ବର୍ଷେ ହେଲା ଉଦ୍‌ଘାଟିତ ହୋଇଛି। ତେବେ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ସେହିପରି ବର୍ଷ ବର୍ଷ ଧରି ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ବଦଳାଯାଉନାହିଁ। ଅଞ୍ଚଳର ଶିକାରୀମାନେ ବିଦ୍ୟୁତ୍ ଫାଶ ପକାଇ ଜନ୍ତୁ ଶିକାର କରୁଛନ୍ତି। ତେଣୁ ଏପରି ଅଘୋଷିତ ବିଦ୍ୟୁତ୍ କାଟ କରାଯାଉଥିବା କଣ୍ଟାଳ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଲାଗି ରହିଥିବା ସମସ୍ୟାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ସେସୁ କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରାଙ୍କୁ ପଚାରିବାରେ ବିଦ୍ୟୁତ୍ କାଟ ହେଉ ନାହିଁ ବୋଲି କହି ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ସାନଭାଇ ଗୁଳିମାଡ଼ରେ ବଡ଼ଭାଇ ଗୁରୁତର

ଉଦଳା,୨୦।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଝରଣାସାହି ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ବୁଧବାର ସାନଭାଇ ଗୁଳିମାଡ଼ରେ ବଡ଼ଭାଇ ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସନ୍ଧ୍ୟା ସମୟରେ ବୁଦ୍ଧିରାଏ ସିଂ ନିଜ ସ୍ତ୍ରୀ ସହିତ ଚୁଲି ନିକଟରେ ବସିଥିବା ବେଳେ ସାନଭାଇ ଗୁରୁଭା ସେଠାରେ ପହଞ୍ଚି ହଠାତ ଏକ ବନ୍ଧୁକରୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ବଡ଼ଭାଇ ବୁଦ୍ଧୁରାଏଙ୍କ ପେଟରେ ଗୋଟିଏ ଏବଂ ଗୋଡ଼ରେ ଦୁଇଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଗୁଳିକାଣ୍ଡ ଘଟାଇ ଗୁରୁଭା ଫେରାର ହୋଇଯାଇଥିବା ଜଣାପଡ଼ିଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ